## ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବାକୁ ଆହ୍ୱାନ

ମାଲକାନଗିରି,(ଡି.ଏନ୍.ଏ.)-ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ୍ ଏମ୍‌ଭି-୩୦ ଗ୍ରାମର ରାଧାକୃଷ୍ଣ ମନ୍ଦିରଠାରେ ୩୨ ଜଣ ବଙ୍ଗଳା ଭାଷୀ ସମ୍ପ୍ରଦାୟ ସମର୍ଥକଙ୍କୁ ନେଇ ଶୁକ୍ରବାର ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ବିଜେଡିର କାର୍ଯ୍ୟକାରୀ ସଭାପତି ଦୁର୍ଗାପ୍ରସାଦ ତ୍ରିପାଠୀ, ସମ୍ମାନିତ ଅତିଥି ରୂପେ ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା , ଅନ୍ୟତମ ସମ୍ମାନିତ ଅତିଥି ଭାବେ ସତ୍ୟ ନାରାୟଣ ଦେ, ସାମାଜିକ କର୍ମୀ ଡ. ଉତ୍ତମ ମଲ୍ଲିକ, ଭୋଳାନାଥ ବିଶ୍ୱାସ, ରାଜୁ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ବିଜେଡିକୁ ସଙ୍ଗଠିତ କରିବା ସହ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ କରିବା ପାଇଁ ଅତିଥିମାନେ ଆହ୍ୱାନ ଦେଇଥିଲେ। ସମୀରନ ଚକ୍ରବର୍ତ୍ତୀ, ଗୁରୁପଦ ମାଝି, ନାତାଶ ବିଶ୍ୱାସ, ସୁକେଶ ସରକାର, ସାଧନ ମଣ୍ଡଳ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଆଁ ଲାଗି ଜଳିଗଲା ଘର

ପାପଡ଼ାହାଣ୍ଡି,୨୯।୧୦(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଚେରେଚେଟା ପଞ୍ଚାୟତ କରିତିଆଗୁଡା ଗ୍ରାମର ଡମ୍ବରୁ ଭତରାଙ୍କ ଘର ଶୁକ୍ରବାର ନିଆଁ ଲାଗି ପୋଡ଼ିଯାଇଛି। ନିଆଁ ଲାଗିବାର ପ୍ରକୃତ କାରଣ ଜଣାପଡ଼ି ନ ଥିବା ବେଳେ ପାପଡ଼ାହାଣ୍ଡି ଅଗ୍ନିଶମ ବିଭାଗ ପହଞ୍ଚି ତାହାକୁ ଆୟତ୍ତ କରିଥିଲେ। ଘରେ କେହି ନ ଥିବାବେଳେ ନିଆଁ ଲାଗିଯାଇଥିଲା। ଏଥିରେ ଧାନ, ଚାଉଳ ସହ ନଗଦ ୫ ହଜାର ଟଙ୍କା ପୋଡ଼ିଯାଇଥିବା ପରିବାର ଲୋକେ କହିଛନ୍ତି। ପ୍ରଶାସନ ପକ୍ଷରୁ ସହାୟତା ଦେବାକୁ ନିବେଦନ ହୋଇଛି।

### ଧାନ ଫସଲ କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ

ଡାବୁଗାଁ, ୨୯।୧୦(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଘୋଡାଖୁଣ୍ଟା ପଞ୍ଚାୟତ ମୁଣ୍ଡୀଗୁଡା ଗ୍ରାମରେ ଜୟକୋଣ୍ଡ ବାୟୋସିଡ କମ୍ପାନୀ ପକ୍ଷରୁ ଧାନ ଫସଲର କ୍ଷେତ୍ର ପ୍ରଦର୍ଶନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ତେନ୍ତୁଳିଖୁଣ୍ଟି, ପାପଡାହାଣ୍ଡି, କୋଷାଗୁମୁଡା, ନନ୍ଦହାଣ୍ଡି ଓ ଡାବୁଗାଁ ବ୍ଲକର ବିହନ ବିକ୍ରେତା ମାନେ ଯୋଗଦେଇଥିଲେ। ଧାନ ଚାଷୀ ଚରଣ ଭତ୍ରାଙ୍କ ଧାନ ଜମିରେ ହୋଇଥିବା କମ୍ପାନୀର ହାଇବ୍ରିଡ ଧାନ ଲକ୍ଷ୍ମୀ-୧୭,ଜେବିଆରଏଚ୍-୩୬୪୪, ଜୟକୋଣ୍ଡ-୫୧୨, ଜେବିଆରଏଚ୍-୪୪୪୪କୁ ବିକ୍ରେତା ମାନେ ବୁଲି ଦେଖିଥିଲେ। ହାଇବ୍ରିଡ ଧାନ ଉତ୍ପାଦନ ବେଶୀ ଦେବା ସହ ରୋଗ ଓ ପୋକ ପ୍ରତି ଅଧିକ ସହନଶୀଳତା ପ୍ରଦାନ କରେ ବୋଲି କମ୍ପାନୀର କ୍ଷେତ୍ର ଅଧିକାରୀ ଶୁଭାଶିଷ ଦାସ କହିଛନ୍ତି।

### ଘାଟିରେ ଓଲଟିଲା ମାଲବାହୀ ଟ୍ରକ୍

କୋଲନରା,୨୯।୧୦(ଡି.ଏନ୍.ଏ.)-ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ମୁକୁନ୍ଦପୁର ଘାଟିରେ ଶୁକ୍ରବାର ଏକ ମାଲ ବୋଝେଇ ଟ୍ରକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାୟଗଡ଼ା ଜିଲା ଦେବଦଳା ଓଏସ୍‌ବିସି ଡିପୋକୁ ମଦ ନେଇ ଆସୁଥିବା ଟ୍ରକ୍(ଓଆର୍ ୦୫ ଏମ୍ ୪୫୭୫)ଟି ଯାନ୍ତ୍ରିକ ତ୍ରୁଟି ଯୋଗୁ ଘାଟି ପାର୍ଶ୍ୱକୁ ଯାଇ ଓଲଟି ପଡ଼ିଥିଲା। ସାମାନ୍ୟ ଅସାବଧାନତା ହୋଇଥିଲେ ଟ୍ରକ୍‌ଟି ୧୦୦ଫୁଟ ତଳକୁ ଖସି ବଡ଼ ଦୁର୍ଘଟଣା ଘଟିଥାନ୍ତା। କିନ୍ତୁ ଚାଳକଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବଡ଼ ଦୁର୍ଘଟଣା ଟଳିଯାଇଛି। ଏଥିରେ ଟ୍ରକ୍ ହେଲ୍‌ପର ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ତାଙ୍କୁ ଚିକିତ୍ସା ନିମନ୍ତେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ମୁକୁନ୍ଦପୁର ଫାଣ୍ଡିରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଫାଣ୍ଡି ଅଧିକାରୀ ହର୍ଷ ପାଣି ସୂଚନା ଦେଇଛନ୍ତି।

### 'ସ୍ୱଚ୍ଛତା ହିଁ ସୁସ୍ଥତା'କାର୍ଯ୍ୟକ୍ରମ

ନବରଙ୍ଗପୁର, ୨୯।୧୦(ବି.ପ୍ର.)-ନବରଙ୍ଗପୁର ମହାବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ଓ ନେହେରୁ ଯୁବକେନ୍ଦ୍ର ମିଳିତ ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି। ଏହି



ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଅଧକ୍ଷ ଡ. ବିନୋଦ ଚନ୍ଦ୍ର ନାୟକ ଉପସ୍ଥିତ ରହି ଘର ଓ ପରିବେଶକୁ ସ୍ୱଚ୍ଛ ରଖିବାକୁ ପରାମର୍ଶ ଦେଇଥିଲେ। ଜିଲା ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ ଯୋଗଦେଇ 'ସ୍ୱଚ୍ଛତା ହିଁ ସୁସ୍ଥତା' ବୋଲି କହିଥିଲେ। ନେହେରୁ ଯୁବକେନ୍ଦ୍ରର ଜିଲା ଯୁବ ଅଧିକାରୀ ବି. ରମେଶ, ଜିଲା ଯୁବ ରେଡ୍‌କ୍ରସ ଜିଲା ସମ୍ପାଦକ ଡା. ଭାସ୍କର ନାଥ ବିଶ୍ୱାଳ, ଜାତୀୟ ସେବା ସଂସ୍ଥାର ଜିଲା ସଂଯୋଜକ ଅଧାପକ ଦିଲୀପ କୁମାର ହୋତା ଉପସ୍ଥିତ ଥିଲେ। ଅଧାପକ ଶମ୍ଭୁପ୍ରସାଦ ହୋତା କାର୍ଯ୍ୟକ୍ରମ ସଂଯୋଜନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ଜାହାଙ୍ଗୀର ମହମ୍ମଦ, ଅଧାପିକା ମାନସୀ ମହାପାତ୍ର, ପ୍ରାଧାପକ ନୀଳାଚଳ ମିଶ୍ର, ଜିତେନ୍ଦ୍ର ରଥ,ଡି. ଗୋବିନ୍ଦା ରାଓ, ଅଶ୍ୱିନୀ ବେହେରା ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ କଲେଜ ପରିସରକୁ ସଫା କରାଯାଇଥିଲା। ପ୍ଲାଷ୍ଟିକମୁକ୍ତ ପରିବେଶ ସୃଷ୍ଟି କରିବାକୁ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟଶାଳାରେ ମହାବିଦ୍ୟାଳୟର ସମସ୍ତ ଅଧାପିକା ଅଧାପକ, କର୍ମଚାରୀ ଯୋଗଦେଇଥିଲେ।

### ଅମୃତ ମହୋତ୍ସବ ଅବସରରେ ପ୍ରତିଯୋଗିତା

ଜୟପୁର,୨୯।୧୦(ନି.ପ୍ର.)-ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ସାରା ଦେଶରେ ପାଳିତ ହେଉଛି ଆଜାଦୀ କା ଅମୃତ ମହୋତ୍ସବ। ଏହି ପରିପେକ୍ଷୀରେ ଜୟପୁର ଗୁପ୍ତେଶ୍ୱର ଏଚ୍‌ପି ଗ୍ୟାସ୍ ଏଜେନ୍ସି ପକ୍ଷରୁ ସରକାରୀ ମହିଳା ମହାବିଦ୍ୟାଳୟଠାରେ ବକ୍ତୃତା, ପ୍ରବନ୍ଧ ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ମହାବିଦ୍ୟାଳୟର ଯୁକ୍ତ ୨ ଓ ଯୁକ୍ତ ୩ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ପ୍ରତିଯୋଗିତାକୁ ଅଧାପିକା କନକଲତା ମହାପାତ୍ର ପରିଚାଳନା କରିଥିଲେ। ଅଧ୍ୟାପକ ବିବେକାନନ୍ଦ ସୁନା, ମନୋରଞ୍ଜନ ପ୍ରଧାନ ସହଯୋଗ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଅଧକ୍ଷା ମନୋରମା ଦେବୀ, ଗ୍ୟାସ୍ ଏଜେନ୍ସିର ବିତରକ ଦିବାକର ପାଢୀ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ୱାର୍ଡକୁ ଆସୁନାହାନ୍ତି ପର୍ଯ୍ୟବେକ୍ଷକ, ଅସୁବିଧାରେ ଲୋକେ

ଉମରକୋଟ, ୨୯।୧୦(ସ୍ୱ.ପ୍ର.)



**ଉମରକୋଟ ପୌରାଞ୍ଚଳ ୱାର୍ଡ ନଂ.୧୪**
- ନିଆଯାଉଛି ସାନିଟାଇଜେଶନ ଚାର୍ଜ, ସଫା ହେଉନି ସାହି
- ଅନ୍ଧାରର ଫାଇଦା ଉଠାଇ ଆଡ୍ଡା ଜମାଉଛନ୍ତି ଅସାମାଜିକ ବ୍ୟକ୍ତି

୧୪ଟି ୱାର୍ଡକୁ ନେଇ ଉମରକୋଟ ପୌରାଞ୍ଚଳ। ସେ ସବୁ ୱାର୍ଡରେ ଅନେକ ସମସ୍ୟା ରହିଛି। ୧୪ ନମ୍ବର ୱାର୍ଡକୁ ଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲୁ। ଏଠାରେ ମୁଖ୍ୟତଃ ରାସ୍ତା, ପାଣି, ବିଜୁଳି, ସ୍ୱଚ୍ଛତାକୁ ନେଇ ଅସୁବିଧା ରହିଥିବା ଲୋକେ କହିଛନ୍ତି।

୧୪ ନମ୍ବର ୱାର୍ଡରେ ପ୍ରାୟ ୩ ହଜାର ଲୋକ ବସବାସ କରନ୍ତି। ଏଠାରେ ଦୀର୍ଘଦିନ ଧରି ୱାର୍ଡମେମ୍ବର ପଦବୀ ଖାଲିପଡ଼ିଛି। ୱାର୍ଡମେମ୍ବରଙ୍କ ଜରିଆରେ ପୌର ପରିଷଦ ଅଧକ୍ଷ ୱାର୍ଡ ସମସ୍ୟା ସମ୍ପର୍କରେ ଅବଗତ ହୋଇଥା'ନ୍ତି। ସମସ୍ୟା ଜଣାଇବାକୁ ବାରମ୍ବାର ପୌର କାର୍ଯ୍ୟାଳୟକୁ ଯିବାକୁ ପଡେ। ତେଣୁ ଲୋକେ ସମସ୍ୟା ସମ୍ପର୍କରେ ଅବଗତ କରାଇବାକୁ ଯାଉନାହାନ୍ତି। ଏଠାକାର ଲୋକେ ସ୍ୱଳ୍ପ ରୋଜଗାରରେ ଚଳନ୍ତି। ପୌର କାର୍ଯ୍ୟାଳୟକୁ ଯିବାକୁ ହେଲେ ଦିନକର ରୋଜଗାର ବନ୍ଦ। ଲୋକଙ୍କ ସମସ୍ୟା ବୁଝିବାକୁ ସରକାର ୱାର୍ଡ ପର୍ଯ୍ୟବେକ୍ଷକ ନିଯୁକ୍ତ କରିଥିଲେ। କିନ୍ତୁ ୱାର୍ଡଗୁଡ଼ିକୁ କୌଣସି ପର୍ଯ୍ୟବେକ୍ଷକ ଆସୁନାହାନ୍ତି ବୋଲି ସାହି ବାସିନ୍ଦା ଅଭିଯୋଗ କରିଛନ୍ତି।

୧୪ ନମ୍ବର ୱାର୍ଡଟି ରାଜ୍ୟ ରାଜପଥ ନଂ.୩୯ କଡ଼ରେ ରହିଛି। ୱାର୍ଡର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ରୋଡ଼କୁ ଠିକ ଭାବେ ରକ୍ଷଣାବେକ୍ଷଣ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି ସାହି ବାସିନ୍ଦା। ଏହି ରାସ୍ତାକୁ ୪/୫ ବର୍ଷ ତଳେ ମରାମତି କରାଯାଇଥିଲା। ୱାର୍ଡରେ ମେଡିକାଲ, ସରକାରୀ ଶିକ୍ଷାନୁଷ୍ଠାନ, ହାଇସ୍କୁଲ, ବାଳିକା ମହାବିଦ୍ୟାଳୟ, ପ୍ରଶିକ୍ଷଣ କେନ୍ଦ୍ର ବ୍ୟତୀତ ଅନ୍ୟ କିଛି ଅନୁଷ୍ଠାନ ଓ କାର୍ଯ୍ୟାଳୟ ରହିଛି। ତେଣୁ ଲୋକଙ୍କ ଯାତାୟାତ ଅଧିକାଂଶ ସମୟରେ ଲାଗି ରହୁଛି। ହାଇସ୍କୁଲ ଦେଇ ଯାଇଥିବା ରାସ୍ତାରେ ଲାଇଟ୍‌ର ଅସୁବିଧା ଦୀର୍ଘ ବର୍ଷ ହେବ ରହିଛି। ଏ ନେଇ ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଅଭିଯୋଗ କରିବା ସତ୍ତ୍ୱେ ସେ ଶୁଣୁ ନ ଥିବା ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଏହି ରାସ୍ତା ଅନ୍ଧାର ରହୁଥିବା ଯୋଗୁ ଅସାଧୁ ବ୍ୟକ୍ତିଙ୍କ ଆଡାସ୍ଥଳୀ ପାଲଟିଛି। ଇନ୍ଦିରା କଲୋନୀ ଓ ବନ୍ଧକୁ ଯିବା ରାସ୍ତା ଶୋଚନୀୟ ହୋଇ ରହିଛି। ପୌର ପରିଷଦ ପକ୍ଷରୁ ଅଳିଆ ଉଠା ଗାଡି ସମସ୍ତ ଅଞ୍ଚଳକୁ ଯାଉ ନ ଥିବାରୁ ୱାର୍ଡ ଅପରିଷ୍କାର ହୋଇ ପଡ଼ି ରହିଛି। ସାନିଟାଇଜେଶନ ଚାର୍ଜ ବାବଦକୁ ୩୦ ଟଙ୍କା ଆଦାୟ କରାଯାଉଛି ବୋଲି ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ୱାର୍ଡର ଅଧିକାଂଶ ଅଞ୍ଚଳରେ ପାଇପ୍ ପାଣି ପହଞ୍ଚି ପାରୁନାହିଁ। ତେଣୁ ପାଣି ପାଇଁ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜିଲା ପ୍ରଶାସନ ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଏ ଦିଗରେ ଧ୍ୟାନ ଦେଲେ ସବୁଜ ସୁନ୍ଦର ସହର ଗଠନ ଦିଗରେ ୧୪ ନମ୍ବର ୱାର୍ଡ ଏକ ଅଂଶ ହୋଇପାରିବ ବୋଲି ବୁଦ୍ଧିଜୀବୀ କହିଛନ୍ତି। ୱାର୍ଡ ନମ୍ବର ୧୪ର ବିଭିନ୍ନ ସମସ୍ୟା ବିଷୟରେ ବୁଝିବା ପାଇଁ ପୌରାଞ୍ଚଳ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲୁ। ମେଗା ପ୍ରକଳ୍ପ ଯୋଜନା କାର୍ଯ୍ୟକ୍ଷମ ହେଲେ ପାଣି ସମସ୍ୟା ଶୀଘ୍ର ସମାଧାନ ହୋଇଯିବ। ଆକ୍ସନ ପ୍ଲାନରେ ୧୪ ନମ୍ବର ୱାର୍ଡର କିଛି ରୋଡକୁ ରଖାଯାଇଛି। ନିକଟ ଭବିଷ୍ୟତରେ ଟେଣ୍ଡର କରାଯିବ ଓ କର୍ମଚାରୀଙ୍କୁ ପଠାଇ ବିଜୁଳି ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି।

## ସାହି ଜାଗା ଚିହ୍ନଟକୁ ବିରୋଧକରି ଜାତୀୟ ରାଜପଥ ଅବରୋଧ

ପାପଡ଼ାହାଣ୍ଡି,୨୯।୧୦(ଡି.ଏନ୍.ଏ.)

ସାହିର ଜାଗା ଚିହ୍ନଟ ସମୟରେ ଉତ୍ତେଜନା। ଖୁଣ୍ଟ ପୋତାକୁ ବିରୋଧକରି ଜାତୀୟ ରାଜପଥ ୨୬ ଅବରୋଧ କଲେ ଲୋକେ। ଯାନବାହନ ଚଳାଚଳ ବନ୍ଦ ରହିବା ସହ ଦେଖାଦେଇଥିଲା ସାହି ବାସିନ୍ଦାଙ୍କ ଅସନ୍ତୋଷ।

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବସ୍‌ଷ୍ଟାଣ୍ଡ ଛକ ନିକଟ ପାଇକସାହି ଓ ହାଟପଦା ସାହିରେ ପ୍ରାୟ ୭୦ ପରିବାର ରୁହନ୍ତି। ଉଭୟ ସାହିରେ କେ.ଈଶ୍ୱରୀ ଆମ୍ମାଙ୍କ ପ୍ରାୟ ୧ଏକର ୨୪୦ ଡିସିମିଲ ଘର ବାଡ଼ି ଜାଗା ରହିଛି। ପୂର୍ବରୁ ସେ କିଛି ଜାଗା ବିକ୍ରି କରିଦେଇଥିଲେ। ଅବଶିଷ୍ଟ ଜାଗାର ମାପ କରିବା ନେଇ ତହସିଲକୁ ଜଣାଇବା ପରେ ପୋଲିସ ଉପସ୍ଥିତିରେ ଶୁକ୍ରବାର ଜାଗା ମପା କାମ ଆରମ୍ଭ ହୋଇଥିଲା। ସାହିର ଜାଗାକୁ ମପାଯାଇ ପରେ ଖୁଣ୍ଟ ପୋତାଯିବା ସମୟରେ ଉତ୍ତେଜନା ଦେଖାଦେଇଥିଲା। ଉଭୟ ସାହିର ମହିଳା ଓ ପୁରୁଷମାନେ ଏଥିରେ ଉତ୍ତ୍ୟକ୍ତ ହୋଇ ଖୁଣ୍ଟ ପୋତିବାକୁ ଦେଇ ନ ଥିଲେ। ତିନି ପିଢ଼ି ଧରି ସାହି ବାସିନ୍ଦା ରହି ଆସୁଛୁ। ଅଭିଯୋଗକାରୀ ପୂର୍ବରୁ କେଉଁଆଡ଼େ ଯାଇଥିଲେ ବୋଲି ସେମାନେ ପ୍ରଶ୍ନ କରିଥିଲେ। ଚେକ୍‌ଗେଟ୍ ନିକଟରେ ସାହିବାସିନ୍ଦାମାନେ ଜାତୀୟ ରାଜପଥ ୨୬କୁ ମଧ୍ୟାହ୍ନ ୧୨.୪୫ରୁ ୧.୪୦ପର୍ଯ୍ୟନ୍ତ ଅବରୋଧ କରିଥିଲେ। ଉଭୟ ପଟ ରାସ୍ତାରେ ଶତାଧିକ ଯାନବାହନ ଅଟକିଯାଇଥିଲା। ତହସିଲଦାର ଯୋଗେଶ୍ୱର ଭୋଇ, ଏସ୍‌ଡିପିଓ ଆଦିତ୍ୟ ସେନ ଓ ଥାନାଧିକାରୀ ଶୁଭେନ୍ଦୁ ଶବର ପ୍ରମୁଖ ଲୋକଙ୍କୁ ବୁଝାଶୁଝା କରିଥିଲେ। ମାପ ଚୁପ ବେଳେ କାହାର ଘର ଭଙ୍ଗାଯିବ ନାହିଁ ବୋଲି ତହସିଲଦାର ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଆଗାମୀ ଦିନରେ କାହାକୁ ବି ଆଉ ସାହିରେ ପୂରାଇ ଦେବେନାହିଁ ବୋଲି ଲୋକେ କହିବା ସହ ଦରକାର ପଡିଲେ ଆଇନର ଆଶ୍ରୟ ନେବେ ବୋଲି କହିଥିଲେ।



ଲୋକେ ରାସ୍ତା ଅବରୋଧ କରିଛନ୍ତି।

## 'ବିପର୍ଯ୍ୟୟ ବେଳେ ଶକ୍ତିସାମର୍ଥ୍ୟ ଅନୁସାରେ ସହଯୋଗ କରିବି'

ନବରଙ୍ଗପୁର, ୨୯।୧୦(ବି.ପ୍ର.)



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କୁ ଅତିରିକ୍ତ ଜିଲାପାଳ ଶପଥପାଠ କରାଉଛନ୍ତି।

ଜିଲାପାଳ ଅଶୋକ ମେହେଟ୍ଟା ସଭାଗୃହରେ ସରକାରଙ୍କ ନିର୍ଦ୍ଦେଶକ୍ରମେ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥ ପାଠ କାର୍ଯ୍ୟକ୍ରମ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ପଦାଧିକାରୀ ଓ କର୍ମଚାରୀଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଶପଥ ପାଠ କରାଇଥିଲେ।

ଯେକୌଣସି ପ୍ରକାର ବିପର୍ଯ୍ୟୟରେ ଧନଜୀବନ କ୍ଷୟକ୍ଷତିକୁ ହ୍ରାସ କରିବା ପାଇଁ ଶକ୍ତି ଓ ସାମର୍ଥ୍ୟ ଅନୁସାରେ କାମ କରିବା ସହ ଉଦ୍ଧାର ଓ ରିଲିଫରେ କାର୍ଯ୍ୟରତ କର୍ମଚାରୀ, ବ୍ୟକ୍ତିବିଶେଷ, ଅନୁଷ୍ଠାନ ଓ ସହଯୋଗୀଙ୍କୁ ସାହାଯ୍ୟ କରିବାକୁ ସମସ୍ତେ ଶପଥ ନେଇଥିଲେ। ପରିବେଶ ସୁରକ୍ଷା ଓ ବିପର୍ଯ୍ୟୟ ପ୍ରସ୍ତୁତି ନିମନ୍ତେ ସଚେତନତା ବୃଦ୍ଧି ପାଇଁ ଚେଷ୍ଟା କରିବାକୁ ଅତିରିକ୍ତ ଜିଲାପାଳ ସମସ୍ତ ପଦାଧିକାରୀ ଏବଂ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ଏହି ପ୍ରାକୃତିକ ବିପର୍ଯ୍ୟୟ ପ୍ରସ୍ତୁତି ପାଇଁ ଶପଥ ପାଠ ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ଜିଲାପାଳ ନିର୍ମଳ ନାୟକ, ଅନାମିକା ପାଣ୍ଡେ, ଜିଲା ଜରୁରିକାଳୀନ ଅଧିକାରୀ ମୌସୁମୀ ନାୟକ, ସହାୟକ ଜିଲାପାଳ ବାବୁଲାଲ ସାମଲ, ପୁଷ୍ପାଞ୍ଜଳି ଦଣ୍ଡପାଟ, କମଲେଶ ମହନ୍ତ, ଜିଲା କ୍ରୀଡ଼ା ଓ ସଂସ୍କୃତି ଅଧିକାରୀ ମହେନ୍ଦ୍ର କୁମାର ସାହୁ, ଜିଲା ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଅଧିକାରୀ ବିଶ୍ୱରଞ୍ଜନ ଭୁକ୍ତା, ସେକ୍ସନ ଅଫିସର ପି.ହରି, ଭଗବାନ ପାଣିଗ୍ରାହୀ, ବିଜୟ ବେହେରା, ଧନପତି ନାୟକ, ମାୟାଧର ନାୟକ, ଭି. କ୍ରିଷ୍ଣାବେନି, ଅଶୋକ ଚକ୍ରବର୍ତ୍ତୀ, ଦୁର୍ଗାମାଧବ ପଣ୍ଡା, ଜିତେନ୍ଦ୍ର ଚୌଧୁରୀ, ଚିତ୍ତରଞ୍ଜନ ପାତ୍ର, ଜୋଛନା ଚୌଧୁରୀ, ସୁରେଶ ପଟ୍ଟନାୟକ, ସତ୍ୟନାରାୟଣ ସାହୁ, ନରେନ୍ଦ୍ର ସାହୁ, ରୀନାରାଣୀ ପାତ୍ର, ବୁଚି ପାତ୍ରଣି, ସନ୍ଦୀପ ନାୟକଙ୍କ ସହିତ ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ଏସ୍‌ସି, ଏସ୍‌ଟି ବିଭାଗ ସଚିବଙ୍କ ମୁନିଗୁଡ଼ା, ବିଷମକଟକ ଗସ୍ତ

ମୁନିଗଡ଼ା/ବିଷମ କଟକ, ୨୯।୧୦(ଡି.ଏନ୍.ଏ.)

ଅନୁସୂଚିତ ଜାତି ଓ ଜନଜାତି ବିଭାଗର ସ୍ୱତନ୍ତ୍ର ସଚିବ ବିଶ୍ୱରଞ୍ଜନ ସାସମଲ ଗୁରୁବାର ରାୟଗଡ଼ା ଜିଲା ଗସ୍ତରେ ଆସି ମୁନିଗୁଡ଼ା ଏବଂ ବିଷମକଟକଠାରେ ବିଭାଗ ଅଧୀନ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ କରାଯାଉଥିବା ଉନ୍ନୟନ କାର୍ଯ୍ୟର ଅନୁଧ୍ୟାନ କରିଥିଲେ। ମୁନିଗୁଡ଼ାସ୍ଥିତ ବିଭାଗୀୟ ଉଚ୍ଚ ବାଳିକା ବିଦ୍ୟାଳୟ ଓ ହାଟ ମୁନିଗୁଡ଼ା ଉଚ୍ଚ ବାଳିକା ବିଦ୍ୟାଳୟକୁ ଯାଇ ବିଦ୍ୟାଳୟ ଶ୍ରେଣୀଗୃହ, କୋଚିଂ ସେଣ୍ଟର, ଔଷଧୀୟ ବଗିଚା, କିଚେନ ଗାର୍ଡେନ, ବିଦ୍ୟାଳୟର ସ୍ୱଚ୍ଛତା, ପରିବେଶ, ଛାତ୍ରୀଛାତ୍ର ନିବାସ, ପାନୀୟଜଳ ବ୍ୟବସ୍ଥା, ଶୌଚାଳୟ, ବିଜ୍ଞାନ ପ୍ରୟୋଗଶାଳା, କ୍ରୀଡ଼ା ଭିତ୍ତିଭୂମି, ବନୀକରଣ ଓ ଆନୁଷଙ୍ଗିକ ଉନ୍ନୟନ କାର୍ଯ୍ୟ ବୁଲି ଦେଖିଥିଲେ। ଏଠାରେ ଛାତ୍ରୀଛାତ୍ର, ସ୍କୁଲ ପ୍ରଧାନ ଶିକ୍ଷକ, ହଷ୍ଟେଲ ପରିଚାଳକଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଭାଗୀୟ ସ୍ୱତନ୍ତ୍ର ସଚିବଙ୍କ ସହ ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଗୁଣପୁର ଉପଖଣ୍ଡ ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ, ଜନଜାତି ଉନ୍ନୟନ



ସ୍କୁଲ ପରିସରରେ ସଚିବ ଶିକ୍ଷକ ଓ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

**ବିଭାଗୀୟ ସ୍କୁଲରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା**

ସହକାରୀ ଯନ୍ତ୍ରୀ ଶମ୍ଭୁଚରଣ ମୁଣ୍ଡାରି, କନିଷ୍ଠ ଯନ୍ତ୍ରୀ ମିତ୍ରଭାନୁ ଅର୍କ, ମୁନିଗୁଡ଼ା ଓ ବିଷମକଟକ ବ୍ଲକ ମଙ୍ଗଳ ଅଧିକାରୀ ସୁଶ୍ରୀ ଶୁଭାପ୍ରଦା ସାସମଲ, ଗୁଣପୁର ଓପିଲିପ୍‌ର ସଦସ୍ୟ ବିଶ୍ୱରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ରହି ଉଭୟ ବିଦ୍ୟାଳୟର ଆନୁଷଙ୍ଗିକ ବ୍ୟବସ୍ଥାର ସମୀକ୍ଷା କରିଥିଲେ। ମୁନିଗୁଡ଼ା ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପି. ସୁରେଶ କୁମାର, ହାଟ ମୁନିଗୁଡ଼ା ଉଚ୍ଚ ବାଳିକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ଥିଲେ। ପରିଦର୍ଶନ ବେଳେ ସ୍ୱତନ୍ତ୍ର ସଚିବ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସାମଗ୍ରିକ ଉନ୍ନତି ପାଇଁ ଆବଶ୍ୟକ ପରାମର୍ଶ ଦେଇଥିଲେ।

## ୨ଜଣଙ୍କୁ ଆଜୀବନ, ଜଣଙ୍କୁ ୩ବର୍ଷ ଜେଲ

ମାଲକାନଗିରି,୨୯।୧୦ (ଡି.ଏନ.ଏ.)

**ମହିଳାଙ୍କୁ ହତ୍ୟା ମାମଲାର ରାୟ**

ଜଣେ ମହିଳାଙ୍କୁ ହତ୍ୟା ମାମଲାର ରାୟ ଶୁଣାଣିକରି ମାଲକାନଗିରି ଜିଲା ଜଜ୍ ରେଖା ପ୍ରସାଦ ୨୭ ତାରିଖରେ ମୁଖ୍ୟ ଅଭିଯୁକ୍ତ ସୁଲତାନ ସିଂଙ୍କୁ ଆଜୀବନ କାରାଦଣ୍ଡ ଦେଇଥିଲେ। ଶୁକ୍ରବାର ଏହି ମାମଲାରେ ଜଡିତ ଥିବା ଅନ୍ୟମାନଙ୍କ ପାଇଁ ବିଚାରପତି ରାୟ ଶୁଣାଣି କରିଛନ୍ତି। ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ସୁଲତାନ୍‌ଙ୍କ ପୁଅ କୁଲବିନ୍ଦ ସିଂ ଓ ହତ୍ୟାରେ ସହଯୋଗ କରିଥିବା ମହେନ୍ଦ୍ର ଜେନାଙ୍କୁ ଆଜୀବନ କାରାଦଣ୍ଡ ଶୁଣାଇଥିବା ବେଳେ ଉଭୟଙ୍କୁ ୨୦ ହଜାର ଟଙ୍କା ଲେଖାଏ ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଏହି ମାମଲାରେ ସହଯୋଗ କରିଥିବା ସୁଲତାନଙ୍କ ସ୍ତ୍ରୀ ହରଜିତ କୌରଙ୍କୁ ତିନି ବର୍ଷ କାରାଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି।୨୦୧୬ ମେ ୨୧ରେ ବାଲିମେଳା ପାୱାର ହାଉସ୍ କେନାଲରେ ଏକ ମୃତଦେହ ଭାସୁଥିବା ଦେଖି ଜଣେ ମହିଳା ଓର୍କେଲ ଥାନାକୁ ଖବର ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏଥିରେ ସୁଲତାନ, ମହେନ୍ଦ୍ର , ସୁଲତାନଙ୍କ ପୁଅ କୁଲବିନ୍ଦ ଓ ସୁଲତାନଙ୍କ ସ୍ତ୍ରୀ ସମ୍ପୃକ୍ତ ଥିବା ଜଣାପଡ଼ିବା ପରେ ସମସ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସେବେଠାରୁ ଏହି ମାମଲା ଜିଲା ଜଜ୍‌ଙ୍କ ଅଦାଲତରେ ବିଚାରାଧୀନ ଥିଲା। ମାମଲାକୁ ସରକାରୀ ପିପି ମହେନ୍ଦ୍ର ନାଗ ପରିଚାଳନା କରୁଥିଲେ।

## ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର-୨ ଉଦ୍‌ଘାଟିତ

ରାୟଗଡ଼ା ଅଫିସ,୨୯।୧୦

ରାୟଗଡ଼ା ସହରାଞ୍ଚଳବାସୀଙ୍କୁ ମିଳିବ ଉନ୍ନତ ସ୍ୱାସ୍ଥ୍ୟ ଭିତ୍ତିଭୂମି। ଶୁକ୍ରବାର ସହରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର-୨ଉଦ୍‌ଘାଟିତ ହୋଇଛି। ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ରୂପେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ସ୍ଥାନୀୟ ଯୁଜିଏମ୍‌ଆଇଟି ଶିକ୍ଷାନୁଷ୍ଠାନ ନିକଟରେ ଥିବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କ ସଂଖ୍ୟା ବଢ଼ିବାରୁ ଦ୍ୱିତୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ନେଇ ପ୍ରଶାସନିକ ସ୍ତରରେ ଉଦ୍ୟମ ହୋଇଥିଲା।



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମନ୍ତ୍ରୀ, ସିଡିଏମ୍‌ଓ, ବିଧାୟକ ଓ ଅନ୍ୟମାନେ।

## ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଶ୍ରମିକଙ୍କୁ ମିଳୁନି କାମ

ରାୟଗଡ଼ା ଅଫିସ,୨୯।୧୦

ଜବ୍ କାର୍ଡଧାରୀ ଅଣକୁଶଳୀ ଶ୍ରମିକମାନଙ୍କୁ ମିଳୁନି କାମ। ୧୦୦ ଦିନର କାମ ଯୋଗାଇବାକୁ ଶ୍ରମିକମାନେ ଦାବି କରିଛନ୍ତି। ଏ ନେଇ ଓଡ଼ିଶା ୱେଲଫେୟାର ଆସୋସିଏଶନ ରାୟଗଡ଼ା ଶାଖା ପକ୍ଷରୁ ଡିଆର୍‌ଡିଏ ପିଡିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ୱେଲଫେୟାର ଆସୋସିଏଶନର ସଂଯୋଜକ କାଳିଆ ପିଡିକାଙ୍କ ନେତୃତ୍ୱରେ ଶ୍ରମିକମାନେ ଆସି ପିଡିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଆନୁକୂଲ୍ୟରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦ୍ୱାରା ଗ୍ରାମୀଣ ପରିବାରକୁ ୧୦୦ ଦିନର ନିଶ୍ଚିତ କର୍ମ ନିଯୁକ୍ତି ଯୋଗାଇ ଦେବାକୁ ନିଶ୍ଚିତ କରାଯାଇଛି। ସଙ୍ଗଠନ ପକ୍ଷରୁ ଶ୍ରମିକଙ୍କ ଅଧିକାର ଏବଂ କର୍ତ୍ତବ୍ୟ ବିଷୟରେ ସଚେତନ କରାଯାଉଛି। ଏବେ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ଶ୍ରମିକମାନେ କାମ କରିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। କିନ୍ତୁ ପ୍ରାୟ ୫ମାସ ହେଲା ପଞ୍ଚାୟତ ପ୍ରଶାସନ କାମ



ଦାବିପତ୍ର ଦେବାକୁ ଆସିଥିବା ଶ୍ରମିକମାନେ।

**ଡିଆର୍‌ଡିଏ ପିଡିଙ୍କୁ ଦାବିପତ୍ର**

ଯୋଗାଇ ନ ଥିବା କଲ୍ୟାଣସିଂହପୁର ବ୍ଲକର ବଡ଼ାଗୁଡା, ପଲାମା, ସୁନାଖଣ୍ଡି, ନାରାୟଣପୁର ଓ ସେରିଗୁମା ପଞ୍ଚାୟତର ଶ୍ରମିକମାନେ କହିଛନ୍ତି। ସରକାରୀ ନିୟମ ଅନୁଯାୟୀ, ୧୫ ଦିନ ମଧ୍ୟରେ ପଞ୍ଚାୟତ କାମ ଯୋଗାଇ ନ ପାରିଲେ ଶ୍ରମିକମାନେ ବେରୋଜଗାର ଭତ୍ତା ପାଇବେ ଏଠାରେ ଭତ୍ତା ବଦଳରେ ବୁଢ଼ାଗଡ଼ା ପିଇଓ ସନ୍ତୋଷ ସାହୁଙ୍କ ଠାରୁ ଦୁର୍ବ୍ୟବହାର ଏବଂ ଜାତିଆଣ ଆକ୍ଷେପ ଶୁଣିବାକୁ ମିଳୁଥିବା ଅଭିଯୋଗ ହୋଇଛି। ସେରିଗୁମା ପଞ୍ଚାୟତର ଜିଆର୍‌ଏସ୍ ପ୍ରଦୀପ କୁମାର ଗୌଡ଼ଙ୍କୁ ପଚାରିବାରୁ ସେ କହିଛନ୍ତି, କେନ୍ଦ୍ର ସରକାର ଟଙ୍କା ଦେଇନାହାନ୍ତି। ଅନ୍ୟପକ୍ଷରେ କନିଷ୍ଠ ଯନ୍ତ୍ରୀ ଏବଂ ଜିଆର୍‌ଏସ୍‌ମାନେ କାଗଜ ପ୍ରସ୍ତୁତିରେ ବିଳମ୍ବ ହେଉଥିବା ଆଳ ଦେଖାଇ ଶ୍ରମିକମାନଙ୍କୁ ଠକୁଥିବା ଅଭିଯୋଗ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ମେସିନ ଦ୍ୱାରା କରାଯାଉଥିବାବେଳେ ଏହାକୁ ବନ୍ଦ କରାଯାଇ ଶ୍ରମିକମାନଙ୍କୁ ନିଯୁକ୍ତ କରିବା ପାଇଁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଶ୍ରମିକମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦିଆଯାଇଛି।

## ଅବସରର ପୂର୍ବରୁ ଶିକ୍ଷକଙ୍କ ନାଁରେ ଏତଲା
## ଜାଲ୍ ସାର୍ଟିଫିକେଟ ଦେଇ ଚାକିରି ଅଭିଯୋଗ

ଗୁଣପୁର,୨୯।୧୦(ଡି.ଏନ୍.ଏ.)

ଅବସର ଗ୍ରହଣ କରିବାର ମାତ୍ର ୨ ଦିନ ପୂର୍ବରୁ ଜଣେ ଶିକ୍ଷକଙ୍କ ନାମରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ଆସିଛି। ରାୟଗଡ଼ା ଜିଲା ଗୁଣପୁର ବ୍ଲକ କାଡାସି କ୍ଲଷ୍ଟର ଅନ୍ତର୍ଗତ ଡେଙ୍ଗିଣି ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପାଞ୍ଚିନ ଗମାଙ୍ଗଙ୍କ ନାମରେ ଏଭଳି ଅଭିଯୋଗ ଆସିଛି। ପାଞ୍ଚିନ ଅକ୍ଟୋବର ୩୧ ରେ ଅବସର ଗ୍ରହଣ କରିବେ। କିନ୍ତୁ ସେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଜଣାପଡ଼ିବା ପରେ ବିଇଓ ଅନ୍ତର୍ଯାମୀ ବେହେରା ତାଙ୍କ ନାମରେ ଗୁଣପୁର ଆଦର୍ଶ ଥାନାରେ ଏତଲା ଦେଇଛନ୍ତି। ସୂଚନା ଅନୁଯାୟୀ, ଗତ ମାସରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସାର୍ଟିଫିକେଟ ଯାଞ୍ଚ କରାଯାଇ ଗୁଣପୁର ବ୍ଲକର ୨୨ ଶିକ୍ଷକଙ୍କ ସାର୍ଟିଫିକେଟ ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡକୁ ପଠାଯାଇଥିଲା। ସେଥିମଧ୍ୟରୁ ପାଞ୍ଚିନଙ୍କ ଶିକ୍ଷାଗତ ଯୋଗ୍ୟତା ସାର୍ଟିଫିକେଟ ଜାଲ୍ ଥିବା ବୋର୍ଡ ଚିହ୍ନଟ କରି ଗୁଣପୁର ବିଇଓଙ୍କୁ ଜଣାଇଥିଲା। ଏହି ସୂଚନା ଆଧାରରେ ଥାନାରେ ଏତଲା ଦିଆଯାଇଛି। ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ ଯଶୱନ୍ତ କୁମାର ହିଆଲ ସୂଚନା ଦେଇଛନ୍ତି।

### ଆତ୍ମହତ୍ୟା କରିଥିବା ନାବାଳିକାଙ୍କ ପରିବାରକୁ ଭେଟିଲେ ତାରା

ରାଇଘର, ୨୯।୧୦(ଡି.ଏନ୍.ଏ.)

ରାଇଘର ବ୍ଲକ ହଳଦୀ ପଞ୍ଚାୟତ ସୁନସୁନିପାରାର କୀର୍ତ୍ତନ ମାଝିଙ୍କ ପରିବାର ଲୋକଙ୍କୁ ଶୁକ୍ରବାର ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଭେଟିଛନ୍ତି। କିଛିଦିନ ତଳେ କୀର୍ତ୍ତନଙ୍କ ଝିଅ ଭାନୁପ୍ରିୟା ଘରଠାରୁ ୨୦୦ ମିଟର ଦୂରରେ ନିଜ ମକାବାଡ଼ିରେ କିରୋସିନ ଢାଳିହୋଇ ଆତ୍ମହତ୍ୟା କରିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛି କଂଗ୍ରେସ। ତାରାଙ୍କ ସମେତ ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ମୁନା ପାଢ଼ୀ, ଅବଦୁଲ ଫିରୋଜ, ରାଇଘର ବ୍ଲକ କଂଗ୍ରେସ ସଭାପତି ପ୍ରମୁଖ ନେତା ହଳଦୀ ପଞ୍ଚାୟତର ସୁନସୁନିଗ୍ରାମକୁ ଯାଇ ଭାନୁପ୍ରିୟାଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ସୂଚନାନୁଯାୟୀ, ଭାନୁପ୍ରିୟାଙ୍କ ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ଡକାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହାର ଉପଯୁକ୍ତ ତଦନ୍ତ କରିବାକୁ କଂଗ୍ରେସ ଦାବି କରିଛି।

### ଦୁର୍ଘଟଣାରେ ଜଣେ ମୃତ, ଜଣେ ଗୁରୁତର

ନନ୍ଦାହାଣ୍ଡି,୨୯।୧୦(ଡି.ଏନ୍.ଏ.)

ନନ୍ଦାହାଣ୍ଡି ବ୍ଲକ ଡଙ୍ଗରଭେଜାରୁ ଦହଣାକୁ ସଂଯୋଗ କରୁଥିବା ରାସ୍ତାରେ ଦୁର୍ଘଟଣା ଘଟି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ଅଛନ୍ତି। ମୃତକ ହେଲେ ନନ୍ଦାହାଣ୍ଡି ବ୍ଲକ ଜଗନ୍ନାଥପୁର ଗ୍ରାମର ବନମାଳୀ ବାଙ୍କିଆ। ସୂଚନାନୁଯାୟୀ, ବନମାଳୀ ନଙ୍ଗଳଅଟାଳ ଗ୍ରାମର ସିଲୁ ବିଷୋୟୀଙ୍କ ସହ ଗୁରୁବାର ରାତି ପ୍ରାୟ ଦଶଟା ସମୟରେ ନନ୍ଦାହାଣ୍ଡିରୁ ବାଇକ (ଓଡି-୧୦ଏ ୮୩୧୬)ରେ ଘରକୁ ଫେରୁଥିଲେ। ଏହି ସମୟରେ ଡଙ୍ଗରଭେଜା ସାପ୍ତାହିକ ହାଟ ନିକଟରେ ଭାରସାମ୍ୟ ହରାଇ ସେ ପଡ଼ିଯାଇଥିଲେ। ଘଟଣାସ୍ଥଳରେ ବନମାଳୀଙ୍କର ମୃତ୍ୟୁ ହୋଇଯାଇଥିଲା। ସିଲୁଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ନନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସିଲୁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତରଖାନା ପକ୍ଷରୁ ଜଣାପଡିଛି। ଡଙ୍ଗରଭେଜା ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ଦିଆଯାଇଛି।

### କପଡା ଗୋଦାମରେ ଚଢ଼ାଉ

ନବରଙ୍ଗପୁର,୨୯।୧୦(ବି.ପ୍ର.)

ବାଣିଜ୍ୟ କର ଏବଂ ଦ୍ରବ୍ୟ ଓ ସେବାକର ବିଭାଗ ଭବାନୀପାଟଣା ଶାଖା ପକ୍ଷରୁ ନବରଙ୍ଗପୁର ସହର ମଧ୍ୟରେ ଥିବା ପାରଶନାଥ କପଡା ଗୋଦାମରେ ଏକ ଏନଫର୍ସମେଣ୍ଟ ଟିମ୍ ଚଢ଼ାଉ କରିଛି। ସମୀର କୁମାର ମାଝି ଓ ଟିମ୍ ବ୍ୟବସାୟର ବିଭିନ୍ନ କାଗଜପତ୍ର, ଫାଇଲ ଓ ବ୍ୟବସାୟ ଅନୁଯାୟୀ କେତେ ଜିଏସ୍‌ଟି ସରକାରଙ୍କୁ ପ୍ରଦାନ କରିଛନ୍ତି ତାହା ଉପରେ ତର୍ଜମା କରିଥିଲେ। ସମସ୍ତ କାଗଜପତ୍ରକୁ ଏନଫୋର୍ସଟିମ୍ ନେଇ ଯାଇଥିବା ବେଳେ ୧୫ଦିନ ମଧ୍ୟରେ ପ୍ରମାଣ ଭିତ୍ତିକ ତଥ୍ୟ ପ୍ରଦାନ କରିବାକୁ ସମନ ଜାରି କରାଯାଇଛି।

